## ଆଉ ଆଇପିଏଲ ଖେଳିବେନି ରବିଚନ୍ଦ୍ରନ ଅଶ୍ୱିନ




ନୂଆଦିଲ୍ଲୀ, ୨୭/୦୮ (ନ୍ୟୁ.ଏ) :ଅନ୍ତର୍ଜାତୀୟ କ୍ରିକେଟ ପରେ ଆଇପିଏଲରୁ ଅବସର ନେଇଛନ୍ତି ଭେଟରାନ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ । ବୁଧବାର ସେ ସମସ୍ତଙ୍କୁ ଚକିତ କରି ଆଇପିଏଲକୁ ଅଲବିଦା କହିଛନ୍ତି । ସୋଶାଲ ମିଡିଆରେ ଅଶ୍ୱିନ ଏକଥା ଘୋଷଣା କରିବା ସହ ଏବେ ସେ ନୂଆ ଇନିଂସ ଆରମ୍ଭ କରିବେ ବୋଲି ସୂଚନା ଦେଇଛନ୍ତି । ସେ ବିଶ୍ୱ ବିଭିନ୍ନ ଲିଗ କ୍ରିକେଟ ଖେଳିବେ ବୋଲି କହିଛନ୍ତି । ଟିମ ଇଣ୍ଡିଆର ପୂର୍ବତନ ସ୍ପିନର ଅଶ୍ୱିନ ଆଇପିଏଲରେ ବିଭିନ୍ନ ଫ୍ରାଂଚାଇଜ ପକ୍ଷରୁ ୨୨୧ଟି ମ୍ୟାଚ ଖେଳିବା ସହ ୧୮୭ଟି ୱିକେଟ ଦଖଲ କରିଥିଲେ । ସେ କହିଛନ୍ତି, "ସ୍ୱତନ୍ତ୍ର ଦିନ ଓ ଗୋଟିଏ ସ୍ୱତନ୍ତ୍ର ଆରମ୍ଭ । ସେମାନେ କୁହନ୍ତି ପ୍ରତଟି ଶେଷ ଗୋଟିଏ ନୂଆ ଆରମ୍ଭ, ଆଇପିଏଲ କ୍ରିକେଟରମାନେ ଆଜି ମୋର ଦିନ ଶେଷ । କିନ୍ତୁ ବିଶ୍ୱର ଏକାଧିକ ଲିଗକୁ ଉପଭୋଗ କରିବା ଆଜି ଠାରୁ ଆରମ୍ଭ । ବିଗତ ବର୍ଷଗୁଡ଼ିକରେ ଚମତ୍କାର ମୁହୂର୍ତ୍ତ ଓ ସମ୍ପର୍କ ପାଇଁ ମୁଁ ସମସ୍ତ ଫ୍ରାଂଚାଇଜକୁ ଧନ୍ୟବାଦ ଜଣାଉଛି । ବିଶେଷ କରି ଆଜି ଯାଏ ମୋତେ ସବୁ କିଛି ଦେଇଥିବା ଆଇପିଏଲ ଓ ବିସିସିଆଇକୁ ଧନ୍ୟବାଦ ।" ୨୦୦୮ରୁ ଆରମ୍ଭ ହୋଇଥିବା ଆଇପିଏଲରେ ଅଶ୍ୱିନ ୫ଟି ଭିନ୍ନଭିନ୍ନ ଟିମ ପାଇଁ ଖେଳିଥିଲେ । ଏପରି କି ସେ ପଞ୍ଜାବ ଫ୍ରାଂଚାଇଜର ଅଧିନାୟକ ଭାବେ ଦାୟିତ୍ୱ ତୁଲାଇ ଥିଲେ । ସେ ଚେନ୍ନାଇ ସୁପର କିଙ୍ଗସ, ରାଇଜିଂ ପୁଣେ ସୁପର ଜାଏଂଟସ, ପଞ୍ଜାବ କିଙ୍ଗସ, ଦିଲ୍ଲୀ କ୍ୟାପିଟାଲ୍ସ ଓ ରାଜସ୍ଥାନ ରୟାଲ୍ସ ପାଇଁ ଆଇପିଏଲ ଖେଳିଛନ୍ତି । ଆଇପିଏଲ ଇତିହାସରେ ୫ମ ସର୍ବାଧିକ ୱିକେଟ ଦଖଲକାରୀ କ୍ରିକେଟର ଭାବେ ଅଶ୍ୱିନ ଏହି ଟୁର୍ଣ୍ଣାମେଂଟକୁ ଅଲବିଦା କହିଛନ୍ତି । ତାଙ୍କ ଉପରେ ଯୁଜି ଚହଲ, ଭୁବନେଶ୍ୱର କୁମାର, ସୁନୀଲ ନାରିନ ଓ ପୀୟୁଷ ଚାୱଲା ରହିଛି । ରାଜସ୍ଥାନ ରୟାଲ୍ସ ପାଇଁ ଅଶ୍ୱିନ ସର୍ବାଧିକ ୮୩୩ ରନ କରିଥିଲେ । ଅଶ୍ୱିନ ନିଜର ଶେଷ ଆଇପିଏଲ ସଂସ୍କରଣ ଚେନ୍ନାଇ ସୁପର କିଙ୍ଗସ ସହ ଖେଳିଥିଲେ । ସେ ୨୦୨୫ରେ ୭ଟି ୱିକେଟ ନେବା ସହ ୯ଟି ଇନିଂସରେ ୩୩ ରନ କରିବାକୁ ସକ୍ଷମ ହୋଇଥିଲେ । ୨୦୨୫ରେ ଚେନ୍ନାଇ ଆଇପିଏଲରେ ଜିତିବାକୁ ସଂଘର୍ଷ କରୁଥିବା ବେଳେ ଅଶ୍ୱିନ ନିଜ ୟୁଟ୍ୟୁବ ଚ୍ୟାନେଲରେ ଦଳର ଅନ୍ୟତମ ଖେଳାଳି ନୁର ଅହମଦଙ୍କୁ ସମାଲୋଚନା କରି ବିବାଦ ଘେରକୁ ଆସିଥିଲେ । ୨୦୨୫ରେ ଚେନ୍ନାଇ ଅଶ୍ୱିନଙ୍କୁ ୯.୭୫ କୋଟି ଟଙ୍କା ବଳରେ ନିଜ ସହ ସାମିଲ କରିଥିଲା । ତେବେ ତାଙ୍କ ପ୍ରଦର୍ଶନ ଆଖି ବୁଣିଆ ନଥିବାରୁ ୨୦୨୬ ପୂର୍ବରୁ ତାଙ୍କୁ ଦଳ ରିଲିଜ କରି ଦେବ ବୋଲି ଚର୍ଚ୍ଚା ହେଉଥିଲା । ଏହାପୂର୍ବରୁ ଅଶ୍ୱିନ ଆଇପିଏଲରୁ ଅବସର ଘୋଷଣା କରିଛନ୍ତି । ସେ ଆଇପିଏଲରୁ ଅବସର ନେଉଥିବା ବେଳେ ଏବେ ବିଶ୍ୱର ବିଭିନ୍ନ ସ୍ଥାନରେ ହେଉଥିବା ଫ୍ରାଂଚାଇଜ କ୍ରିକେଟରେ ଭାଗ ନେବେ ବୋଲି କହିଛନ୍ତି ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ର ଆୟୋଜକ ହେବା ପ୍ରସ୍ତାବକୁ କ୍ୟାବିନେଟର ମଞ୍ଜୁରି



ନୂଆଦିଲ୍ଲୀ, ୨୭/୦୮ (ନ୍ୟୁ.ଏ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ର ଆୟୋଜକ ହେବା ପ୍ରସ୍ତାବକୁ ମଞ୍ଜୁରି ଦେଇଛି । ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ଅହମ୍ମଦାବାଦ ସହର ଉପରେ ମୋହର ବାଜିଛି । ବିଶ୍ୱ ସ୍ତରୀୟ ଷ୍ଟାଡିୟମ, ଅତ୍ୟାଧୁନିକ ପ୍ରାକ୍ଟିସ୍ ସୁବିଧା ଓ ଖେଳ ସଂସ୍କୃତି କାରଣରୁ ଅହମ୍ମଦାବାଦକୁ ଚୟନ କରାଯାଇଛି । ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓସି)ର ସହମତିର କିଛି ଦିନ ପରେ କ୍ୟାବିନେଟ୍ ଏହି ନିଷ୍ପତି ନେଇଛି । ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ ଆୟୋଜକ ହେବା ପାଇଁ ଇଚ୍ଛା ପତ୍ର ଦାଖଲ କରିଛି । ପିଆଇବି ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ କ୍ୟାବିନେଟ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ର ଆୟୋଜକ ହେବା ନେଇ ଯୁବ ବ୍ୟାପାର ଓ ଖେଳ ମନ୍ତ୍ରଣାଳୟ ପ୍ରସ୍ତାବକୁ ମଞ୍ଜୁରି ଦେଇଛି । ଏହାସହ ଆବଶ୍ୟକୀୟ ଗ୍ୟାରେଂଟି ସହ ଆୟୋଜକ ସହଯୋଗ ବୁଝାମଣା ଅନୁସାରେ ଗୁଜରାଟ ସରକାରଙ୍କୁ ଅନୁଦାନ ପାଇଁ ମଞ୍ଜୁରି ଦିଆଯାଇଛି । ଉଲ୍ଲେଖଯୋଗ୍ୟ ଯେ ଆୟୋଜକ ହେବା ପାଇଁ ଆବେଦନ ଦାଖଲର ଶେଷ ତାରିଖ ଅଗଷ୍ଟ ୩୧ । ଭାରତ ଶେଷ ଥର ପାଇଁ ୨୦୧୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆୟୋଜକ ଥିଲା । ସେହି ସମୟରେ ଦିଲ୍ଲୀରେ ଏହି କ୍ରୀଡ଼ା ମହାକୁମ୍ଭର ଆୟୋଜନ କରାଯାଇଥିଲା । ୭୨ ଦେଶର ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ । ଭାରତ ଯଦି ଆୟୋଜକ ହେବା ପାଇଁ ସଫଳ ହୁଏ, ତେବେ ସ୍ଥାନୀୟ ବ୍ୟବସାୟୀଙ୍କୁ ଲାଭ ଓ ରାଜସ୍ୱ ମଧ ମିଳିବ । ଭାରତୀୟ ଅଲିମ୍ପିକ ସଂଘ ଅଗଷ୍ଟ ୧୩ରେ ସ୍ୱତନ୍ତ୍ର ସାଧାରଣ ବୈଠକରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପ୍ରସ୍ତାବକୁ ମଞ୍ଜୁରି ଦେଇଥିଲା । ଆଇଓଏ ଅଧ୍ୟକ୍ଷ ପିଟି ଉଷା ସେହି ସମୟରେ କହିଥିଲେ ଯେ ଅହମ୍ମଦାବାଦ ସହ ଦିଲ୍ଲୀ ଓ ଭୁବନେଶ୍ୱରରେ ଆୟୋଜନ ପାଇଁ ବିଚାର କରାଯିବ । କିନ୍ତୁ ପରେ ଅହମ୍ମଦାବାଦରେ ଆୟୋଜନ ପାଇଁ ସ୍ଥିର କରାଯାଇଛି ।

## ସଂଘକୁ ଆସିଲେ କିଛି ମିଳିବ ନାହିଁ, ଯାହା ଥିବ ତାହାବି ଚାଲିଯିବ : ମୋହନ ଭାଗବତ



ନୂଆଦିଲ୍ଲୀ, ୨୭/୦୮ (ନ୍ୟୁ.ଏ) : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ କହିଛନ୍ତି ଯେ ସଂଘର ମୂଳଦୁଆ ସାତ୍ତ୍ୱିକ ପ୍ରେମ ଉପରେ ଆଧାରିତ । ସେ କହିଛନ୍ତି ଯେ କୌଣସି ସ୍ୱେଚ୍ଛାସେବୀ ସଂଗଠନ ସଂଘ ପରି ଏତେ ବିରୋଧର ସମ୍ମୁଖୀନ ହୋଇନାହିଁ । ଏହା ସତ୍ତ୍ୱେ, ସଂଘ ଆଜି ମଧ ଦୃଢ଼ ଭାବରେ ଠିଆ ହୋଇଛି । ସଂଘର ୧୦୦ ବର୍ଷ ପୂରଣ ହେବା ଅବସରରେ, ଭାଗବତ ୧୯୨୫ ର ବିଜୟାଦଶମୀ କଥା ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ ଡକ୍ଟର ହେଡଗେୱାର ସେହି ଦିନ ସଂଘ ପ୍ରତିଷ୍ଠା କରିଥିଲେ । ତାଙ୍କର ଧାରଣା ସ୍ପଷ୍ଟ ଥିଲା - ହିନ୍ଦୁ ବୋଲି କୁହାଯାଉଥିବା ପ୍ରତ୍ୟେକ ବ୍ୟକ୍ତି ରାଷ୍ଟ୍ର ପ୍ରତି ଦାୟୀ ହେବା ଉଚିତ । ଏହା ସଂଘର ଆରମ୍ଭର ମୂଳଦୁଆ ଥିଲା । ସେ କହିଥିଲେ ଯେ ହିନ୍ଦୁତ୍ୱର ପ୍ରକୃତ ସାର ସତ୍ୟ ଏବଂ ପ୍ରେମ । ଏହି ଦୁଇଟି ଭିନ୍ନ ଦେଖାଯାଏ, କିନ୍ତୁ ବାସ୍ତବରେ ସେମାନେ ସମାନ । ଦୁନିଆ ଆପତି ଉପରେ ଚାଲିଥାଏ, କାରବାର ଉପରେ ନୁହେଁ । ଭାଗବତ କହିଛନ୍ତି ଯେ ସଂଘରେ କୌଣସି ପ୍ରୋତ୍ସାହନ ନାହିଁ । ସେ କହିଥିଲେ, 'ଯଦି ତୁମେ ସଂଘରେ ଯୋଗଦେବ, ତେବେ ତୁମକୁ କିଛି ମିଳିବ ନାହିଁ, ତୁମର ଯାହା ଅଛି ତାହା ମଧ ଚାଲିଯିବ । ଜଣେ ସ୍ୱୟଂସେବକ ଏହି ଭାବନା ସହିତ କାମ କରନ୍ତି । ତାଙ୍କର ଲକ୍ଷ୍ୟ ହେଉଛି - ଆତ୍ମାନୋ ମୋକ୍ଷାର୍ଥ ଜଗତ୍ ହିତାୟ ଚ ।' ସମ୍ପର୍କ ଆନ୍ତରିକତା ଉପରେ ନିର୍ମିତ, ଚୁକ୍ତି ଉପରେ ନୁହେଁ । ସଂଘ ଏହି ମୂଲ୍ୟବୋଧ ଉପରେ ଆଧାରିତ । ଭାଗବତ ଏହା ମଧ କହିଛନ୍ତି ଯେ ସଂଘରେ କୌଣସି ଲୋଭ କିମ୍ବା ପ୍ରୋତ୍ସାହନ ନାହିଁ । ସ୍ୱୟଂସେବକମାନେ କେବଳ ଏଥିପାଇଁ କାମ କରନ୍ତି କାରଣ ସେମାନେ ସେମାନଙ୍କ କାର୍ଯ୍ୟରେ ଆନନ୍ଦ ପାଆନ୍ତି । ଏହି ଆନନ୍ଦ ଏଥିପାଇଁ ଯେ ସେମାନଙ୍କର କାର୍ଯ୍ୟ ରାଷ୍ଟ୍ର ଏବଂ ବିଶ୍ୱର କଲ୍ୟାଣ ସହିତ ଜଡିତ । ଭାଗବତ କହିଛନ୍ତି ଯେ ସଂଘରେ କୌଣସି ପ୍ରୋତ୍ସାହନ ନାହିଁ । ସେ କହିଥିଲେ, 'ଯଦି ତୁମେ ସଂଘରେ ଯୋଗଦେବ, ତେବେ ତୁମକୁ କିଛି ମିଳିବ ନାହିଁ, ତୁମର ଯାହା ଅଛି ତାହା ମଧ ଚାଲିଯିବ । ଜଣେ ସ୍ୱୟଂସେବକ ଏହି ଭାବନା ସହିତ କାମ କରନ୍ତି । ତାଙ୍କର ଲକ୍ଷ୍ୟ ହେଉଛି - ଆତ୍ମାନୋ ମୋକ୍ଷାର୍ଥ ଜଗତ୍ ହିତାୟ ଚ ।'

## ଭୋଟ ଅଧିକାର ଯାତ୍ରାରେ ରାହୁଲଙ୍କ ସହ ଯୋଗଦେଲେ ତାମିଲନାଡୁ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ, ୨୭/୦୮ (ନ୍ୟୁ.ଏ) : ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ୍ ଏବଂ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଆଜି ବିହାରରେ ପହଂଚିଛନ୍ତି । ଏହି ଉଭୟ ନେତା ରାହୁଲ ଗାନ୍ଧୀଙ୍କ ଭୋଟ ଅଧିକାର ଯାତ୍ରାରେ ଯୋଗ ଦେବାକୁ ଆସିଛନ୍ତି ଆଉ ଭାରତୀୟ ଜନତା ପାର୍ଟି ଏହାକୁ କଡା ଭାଷାରେ ଟାର୍ଗେଟ କରିଛି । ବିଜେପି କହିଛି ଯେ ବିହାରୀମାନଙ୍କୁ ଦୁର୍ବ୍ୟବହାର କରୁଥିବା ନେତାମାନଙ୍କର ଏଠାକୁ ଆସିବାର ଅଧିକାର ନାହିଁ । ପ୍ରକୃତରେ, ଏହି ବର୍ଷ ଶେଷରେ ବିହାରରେ ନିର୍ବାଚନ ହେବାକୁ ଯାଉଛି । ପୂର୍ବରୁ ଏମକେ ଷ୍ଟାଲିନ୍ ରାହୁଲଙ୍କ ଭୋଟର ଅଧିକାର ଯାତ୍ରାରେ ଯୋଗ ଦେଇଥିଲେ । ଏନଡିଟିଭିର ଏକ ରିପୋର୍ଟ ଅନୁଯାୟୀ, ଏହି ସମୟ ମଧ୍ୟରେ ବିଜେପି ଡିଏମକେ ମୁଖ୍ୟ ଷ୍ଟାଲିନଙ୍କୁ ଚ୍ୟାଲେଞ୍ଜ କରି କହିଥିଲା ଯେ ଯଦି ତାଙ୍କର ସାହସ ଅଛି, ତେବେ ବିହାରୀମାନଙ୍କ ବିଷୟରେ ଦେଇଥିବା ମନ୍ତବ୍ୟକୁ ପୁଣି ଥରେ ଦୋହରାନ୍ତୁ । ଷ୍ଟାଲିନଙ୍କ ସହଯୋଗୀ ଦୟାନିଧି ମାରାନ୍ ଡିସେମ୍ବର ୨୦୨୩ରେ ଉତର ପ୍ରଦେଶ ଏବଂ ବିହାର ସମ୍ପର୍କରେ ଏକ ବିବାଦୀୟ ବୟାନ ଦେଇଥିଲେ । ଏନେଇ ତାମିଲନାଡୁ ବିଜେପି ମୁଖପାତ୍ର ନାରାୟଣ ତିରୁପତି ଷ୍ଟାଲିନଙ୍କୁ ଘେରିଛନ୍ତି । ସେ ପୋଷ୍ଟରେ ଲେଖିଛନ୍ତି, ମୁଁ ବିହାର ଯାଉଥିବା ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କୁ ଚ୍ୟାଲେଞ୍ଜ ଦେଉଛି । ଯଦି ଷ୍ଟାଲିନଙ୍କ ସାହସ ଅଛି, ତେବେ ମୁଁ ତାଙ୍କ ପୁଅ ଉଦୟନିଧିଙ୍କ ବକ୍ତବ୍ୟକୁ ଦୋହରାଇବାକୁ ଚ୍ୟାଲେଞ୍ଜ କରୁଛି । ସେ କହିଥିଲେ ଯେ ସନାତନ ଧର୍ମକୁ ଉଚ୍ଛେଦ କରାଯିବା ଉଚିତ । ଏହା ସହିତ, ଆପଣଙ୍କ ସମ୍ପର୍କୀୟ ଏବଂ ଡିଏମକେ ସାଂସଦ ଦୟାନିଧି ମାରାନ କହିଥିଲେ ଯେ ବିହାରୀମାନେ ତାମିଲନାଡୁରେ ଶୌଚାଳୟ ସଫା କରନ୍ତି, ଆପଣ କ'ଣ ସେଠାରେ ଏହା କହିପାରିବେ 'ଭୋଟର ଅଧିକାର ଯାତ୍ରା'ରେ ଯୋଗଦେବା ପରେ ଷ୍ଟାଲିନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଥିଲେ, 'ମୁଁ ବିହାର ପହଂଚିଛି । ଲାଲୁ ପ୍ରସାଦଙ୍କ ଭୂମି ଆଖିରେ ନିଆଁ ନେଇ ମୋତେ ସ୍ୱାଗତ କରୁଛି, ଏହାର ମାଟି ପ୍ରତ୍ୟେକ ଚୋରି ଭୋଟର ଭାର ବହନ କରୁଛି । ମୁଁ ମୋ ଭାଇ ରାହୁଲ ଗାନ୍ଧୀ, ତେଜସ୍ୱୀ ଯାଦବ ଏବଂ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହିତ 'ଭୋଟର ଅଧିକାର ଯାତ୍ରା'ରେ ଯୋଗ ଦେଇଥିଲି, ଯାହା ଲୋକଙ୍କ ଯନ୍ତ୍ରଣାକୁ ଶକ୍ତିରେ ପରିଣତ କରେ ।'

## ବିହାର ନାଳନ୍ଦାରେ ମନ୍ତ୍ରୀଙ୍କୁ ବାଡ଼େଇବାକୁ ଗୋଡ଼ାଇଲେ ଲୋକ



ପାଟନା, ୨୭/୦୮ (ନ୍ୟୁ.ଏ) : ସହାନୁଭୂତି ଦେଖାଇବାକୁ ଯାଇ ହଟହଟା ହୋଇଛନ୍ତି ଗ୍ରାମୀଣ ବିକାଶ ମନ୍ତ୍ରୀ କ୍ରିଷ୍ଣ ମୁରାରୀ ଶାରଣ । ମନ୍ତ୍ରୀଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଲେ ଗାଁ ଲୋକ । ଜୀବନ ବିକଳରେ ଧୋତି ଟେକି ଦୌଡ଼ିଲେ ମନ୍ତ୍ରୀ । ଦୀର୍ଘ ୧ କିମି ବାଟ ମନ୍ତ୍ରୀଙ୍କୁ ବାଡ଼େଇବାକୁ ପିଛା କଲେ ଗାଁ ଲୋକ । ଆକ୍ରମଣରୁ ମନ୍ତ୍ରୀ ବର୍ତି ଯାଇଥିଲେ ହେଁ ତାଙ୍କ କାରକେଡରେ ଥିବା ଗାଡ଼ି ଓ କିଛି ସୁରକ୍ଷାକର୍ମୀ ଆହତ ହୋଇଛନ୍ତି । ବିହାରରୁ ଏପରି ଘଟଣା ସାମ୍ନାକୁ ଆସିଛି । ଜେଡିୟୁର ବରିଷ୍ଠ ନେତା ତଥା ବିଧାୟକ କ୍ରିଷ୍ଣ ମୁରାରୀ ଶାରଣ ନାଳନ୍ଦାର ଗୋଟିଏ ଗାଁକୁ ଯାଇଥିବା ବେଳେ ତାଙ୍କ ସହ ଏଭଳି ଘଟଣା ଘଟିଛି । ଶନିବାର ଗାଁର ୯ ଜଣ ଲୋକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ଏମାନେ ସମସ୍ତେ ଶନିବାର ଅଟୋରେ ଗଙ୍ଗା ସ୍ନାନ ପାଇଁ ଯାଉଥିବା ବେଳେ ସାମ୍ନା ପଟୁ ଗୋଟିଏ ଟ୍ରକ ସହ ଏମାନଙ୍କର ଧକ୍କା ହୋଇଥିଲା । ଏଥିରେ ୮ ଜଣ ମହିଳାଙ୍କ ସମେତ ୯ ଜଣ ପ୍ରାଣ ହରାଇଥିଲେ । ଦୁର୍ଘଟଣାରେ ନିଜର ପ୍ରିୟଜନଙ୍କୁ ହରାଇଥିବା ପରିବାରକୁ ଭେଟି ସହାନୁଭୂତି ଜଣାଇବାକୁ ମନ୍ତ୍ରୀ କ୍ରିଷ୍ଣ ମୁରାରୀ ଦଳୀୟ ସମର୍ଥକଙ୍କ ସହ ମାଲୱାନ ଗାଁରେ ପହଂଚିଥିଲେ । ତେବେ ଗାଁ ଲୋକମାନେ ପୀଡ଼ିତଙ୍କ ପରିବାର ଲୋକଙ୍କ ପାଇଁ କ୍ଷତିପୂରଣ ଦାବି କରି ମନ୍ତ୍ରୀ ଆଗରେ ନାରାବାଜୀ କରିଥିଲେ । ତେବେ ମନ୍ତ୍ରୀ ସେମାନଙ୍କ ଦାବି ପରବର୍ତୀ ସମୟରେ ବିଚାର କରାଯିବ କହିଥିଲେ । ଦାସ୍ ଏହା ଶୁଣି ଗାଁ ଲୋକ ଚିଡ଼ିକି ଉଠିଥିଲେ । ଶତାଧିକ ଗାଁ ଲୋକ ହାତରେ ଠେଙ୍ଗା ଓ ପଥର ଧରି ମନ୍ତ୍ରୀଙ୍କୁ ମାଡ଼ ମାରିବାକୁ ଦୌଡ଼ି ଆସିଥିଲେ । ଏହା ଦେଖି ମନ୍ତ୍ରୀ ସେଠାରୁ ଖସି ଯିବାକୁ ଚେଷ୍ଟା କରିଥିଲେ । ହେଲେ ଗାଁ ଲୋକମାନେ ତାଙ୍କୁ ପିଟିବା ପାଇଁ ପ୍ରାୟ ୧ କିମି ବାଟ ପିଛା କରିଥିଲେ । ଏହି ଧାଁଦୌଡ଼ ଭିତରେ ମନ୍ତ୍ରୀ ମହୋଦୟ ଜୀବନ ବିକଳରେ ୩ଥର କାର ବଦଳାଇଥିଲେ । ସେହିପରି ସେ ତାଙ୍କ ଧୋତିକୁ ଧରି ଦୌଡୁ ଥିବାର ଭିଡିଓ ମଧ ସାମ୍ନାକୁ ଆସିଛି । ସେଠାରେ ଉପସ୍ଥିତ ଥିବା ସୁରକ୍ଷାକର୍ମୀ ଓ ଦଳୀୟ କର୍ମୀମାନେ ମଧ ମନ୍ତ୍ରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିଲେ । ଗାଁ ଲୋକଙ୍କ ଆକ୍ରମଣରେ ଜଣେ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି । ସେହିପରି ମନ୍ତ୍ରୀଙ୍କ କାରକେଡରେ ଥିବା କିଛି ଗାଡ଼ିର କାଚ ମଧ ଭାଙ୍ଗି ଯାଇଛି । ଏହାପୂର୍ବରୁ ବିହାରର ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ବିଜେପି ନେତା ମଙ୍ଗଳ ପାଣ୍ଡେଙ୍କୁ ମଧ ପାଟନାରେ ଲୋକମାନେ ଆକ୍ରମଣ ପାଇଁ ଗୋଡ଼ାଇଥିଲେ । ଏଥିରେ ତାଙ୍କ କାର ଭାଙ୍ଗି ଯାଇଥିଲା ।

## ଆଫଗାନିସ୍ତାନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ବସ୍ ଓଲଟିବା ଯୋଗୁଁ ୨୫ ମୃତ



ନୂଆଦିଲ୍ଲୀ, ୨୭/୦୮ (ନ୍ୟୁ.ଏ) : ଆଫଗାନିସ୍ତାନ କାବୁଲରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏକ ଯାତ୍ରୀବାହୀ ବସ୍ ଓଲଟିବା ଯୋଗୁଁ ଅତିକମରେ ୨୫ ଜଣଙ୍କର ଜୀବନ ଚାଲିଯାଇଛି । ତାଲିବାନର ଜଣେ ଅଧିକାରୀ ଏହି ଦୁର୍ଘଟଣା ବିଷୟରେ ସୂଚନା ଦେଇଛନ୍ତି । ଖବର ମୁତାବକ, ସକାଳ ଆଫଗାନିସ୍ତାନ କାବୁଲର ଅରଘଣ୍ଡି ଅଂଚଳରେ ହେଲମନ୍ଦ ଏବଂ କାନ୍ଧାରର ଯାତ୍ରୀଙ୍କୁ ନେଇ ଏକ ବସ୍ ଅସାବଧାନତା ଯୋଗୁଁ ଦୁର୍ଘଟଣାର ଶିକାର ହୋଇଥିଲା । ଏଥିରେ ୨୫ ଜଣଙ୍କର ଜୀବନ ଚାଲିଯାଇଥିବା ବେଳେ ୨୭ରୁ ଅଧିକ ଆହତ ହୋଇଛନ୍ତି । ଆଫଗାନିସ୍ତାନରେ ସବୁବେଳେ ରାସ୍ତା ଖରାପ ଯୋଗୁଁ ଦୁର୍ଘଟଣା ବାରମ୍ବାର ହୋଇଥାଏ । ଏଠାରେ ଚାଲୁଥିବା ବସ୍ ପୁରୁଣା ଏବଂ ଯାନ୍ତ୍ରିକ ତ୍ରୁଟି ରହିଥାଏ । ତେଣୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟିଥାଏ । ସୂଚନାଯୋଗ୍ୟ, ୨୦୧୬ରେ ଆଫଗାନିସ୍ତାନରେ କାବୁଲରେ କାନ୍ଧାର ଏବଂ ହାଇୱେରେ ୨ଟି ଯାତ୍ରୀବାହୀ ବସ୍ ଏବଂ ଟ୍ରକ ଧକ୍କା ହେବା ଯୋଗୁଁ ବସ୍ ରେ ନିଆଁ ଲାଗିଯାଇଥିଲା । ଫଳରେ ୭୩ ଜଣ ଲୋକଙ୍କ ଜୀବନ ଚାଲିଯାଇଥିଲା ।

## ବୈଷ୍ଣୋ ଦେବୀ ଯାତ୍ରା ରାସ୍ତାରେ ଭୂସ୍ଖଳନ: ଗଲାଣି ୩୩ ଜୀବନ

ଜମ୍ମୁ, ୨୭/୦୮ (ନ୍ୟୁ.ଏ) :ଜମ୍ମୁ-କଶ୍ମୀରର ବୈଷ୍ଣୋ ଦେବୀ ଯାତ୍ରା ରାସ୍ତାରେ ଭୟଙ୍କର ଭୂସ୍ଖଳନ । କଟ୍ରା ଅନ୍ତର୍ଗତ ଅର୍ଦ୍ଧକୁମାରୀ ନିକଟରେ ବଡ଼ଧରଣର ଭୂସ୍ଖଳନ ଯୋଗୁ ୩୩ ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ୨୩ ଜଣ ଆହତ ହୋଇଛନ୍ତି । ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ସାଂଘାତିକ ସ୍ଥିତି ସୃଷ୍ଟି କରିଥିବା ବେଳେ କିଛି ଲୋକ ନିଖୋଜ ରହିଥିବା ଜଣାପଡ଼ିଛି । ମାଟି ତଳେ ଲୋକମାନେ ଚାପି ହୋଇ ରହିଥିବା ଆଶଙ୍କାରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲେ ହେଁ ଲଗାଣ ବର୍ଷା ଏଥିରେ ବାଧକ ସାଜିଛି । ଲଗାଣ ବର୍ଷା ଜମ୍ମୁ-କଶ୍ମୀରରେ ଆତଙ୍କ ସୃଷ୍ଟି କରିଥିବା ବେଳେ ଅଚାନକ ବନ୍ୟା ଓ ଭୂସ୍ଖଳନ ସ୍ଥିତିକୁ ଆହୁରି ଭୟଙ୍କର କରିଛି । ଜମ୍ମୁରେ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ଗୁଡ଼ିକ ଗମ୍ଭୀର ଭାବେ ପ୍ରଭାବିତ ହୋଇଛି । କିଛି ପ୍ରମୁଖ ବ୍ରିଜ ଭୁଶୁଡ଼ି ପଡ଼ିଥିବା ବେଳେ ବିଦ୍ୟୁତ ଖୁଂଟ ଓ ମୋବାଇଲ ଟାୱାର କ୍ଷତିଗ୍ରସ୍ତ ହୋଇଛି । ଅଚାନକ ବନ୍ୟା ଓ ଜଳବନ୍ଦୀ ହୋଇ ରହିଥିବା ପ୍ରାୟ ୩୫୦୦ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ଅଣା ଯାଇଛି । ମଙ୍ଗଳବାର ଦିନ ୧୧.୩୦ରୁ ସନ୍ଧ୍ୟା ୫.୩୦ ମଧ୍ୟରେ ଜମ୍ମୁରେ ସବୁଠାରୁ ଅଧିକ ୨୨ ସେମି ବର୍ଷା ରେକର୍ଡ କରାଯାଇଛି । ୬ ଘଂଟା ମଧ୍ୟରେ ୨୨ ସେମି ବର୍ଷା ପୂରା ଜମ୍ମୁକୁ ବେହାଲ କରିଛି । ମଧ୍ୟରାତ୍ର ପରେ ବର୍ଷା ସାମାନ୍ୟ କମିଥିଲେ ହେଁ ବିପଦ ଏଯାଏ ଟଳିନି । ମଙ୍ଗଳବାର ଅପରାହ୍ନରେ ପ୍ରଥମେ ବୈଷ୍ଣୋ ଦେବୀ ଯାତ୍ରା ମାର୍ଗରେ ଭୂସ୍ଖଳନ ହୋଇଥିଲା । ଏଥିରେ ୫ ଜଣଙ୍କ ଜୀବନ ଯାଇଥିଲା ।

## କେଦାରନାଥ ମନ୍ଦିର ନିକଟରୁ ମିଳିଲା କଙ୍କାଳ

ନୂଆଦିଲ୍ଲୀ, ୨୭/୦୮ (ନ୍ୟୁ.ଏ) : ଏକ ବର୍ଷ ଧରି ନିଖୋଜ ଥିବା ତେଲେଙ୍ଗାନାର ଜଣେ ଭକ୍ତଙ୍କ କଙ୍କାଳ ଉତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାର କେଦାରନାଥ ମନ୍ଦିରର ଚୌରାବାରି ହିମବାହ ନିକଟରେ ପଡ଼ି ରହିଛି । ପୋଲିସ କହିଛି ଯେ ବୁଧବାର ଦିନ ଚୌରାବାରି ଗ୍ଲେସିୟର ଅଂଚଳ ପରିଦର୍ଶନ କରିବାକୁ ଯାଇଥିବା ଏବଂ ପଥର ମଧ୍ୟରେ ଏକ ମାନବ କଙ୍କାଳ ଦେଖିଥିବା ବ୍ୟବସାୟୀମାନଙ୍କ ମାଧ୍ୟମରେ ଏହି ସୂଚନା ସେମାନଙ୍କ ପାଖରେ ପହଂଚିଥିଲା । କେଦାରନାଥରେ ବ୍ୟବସାୟ କରୁଥିବା ଏହି ବ୍ୟବସାୟୀମାନଙ୍କ ସୂଚନା ପାଇ ପୋଲିସ, କେଦାରନାଥରେ ନିୟୋଜିତ ପ୍ରଶାସନିକ ଦଳ ଏବଂ ଯାତ୍ରା ପରିଚାଳନା ବାହିନୀ (ୱାଇଏମଏଫ)ର ସଦସ୍ୟମାନେ ଘଟଣାସ୍ଥଳରେ ପହଂଚି କଙ୍କାଳଟିକୁ କେଦାରନାଥକୁ ଆଣିଥିଲେ । ପୋଲିସ ଅନୁଯାୟୀ, କଙ୍କାଳ ନିକଟରେ ଏକ ବ୍ୟାଗ ମିଳିଥିଲା ଯେଉଁଥିରେ ତୀର୍ଥଯାତ୍ରୀଙ୍କ ନାମ ନୋମୁଲା ରୋଶୱନ୍ତ ଭାବରେ ଚିହ୍ନଟ କରାଯାଇଥିଲା, ଯେଉଁଥିରେ ମୋବାଇଲ୍ ଫୋନ୍ ଏବଂ ପରିଚୟପତ୍ର ରଖାଯାଇଥିଲା ।









Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das